### ଚା' ପିଇ ୩ ଅସୁସ୍ଥ

ଆନନ୍ଦପୁର, (ସ୍ୱ.ପ୍ର.)-ଘରେ ଚା' ପିଇ ଗୋଟିଏ ପରିବାରର ୩ଅସୁସ୍ଥ ହେବାଭଳି ଘଟଣା ଚର୍ଚ୍ଚାର ପରିସକୁ ଆସିଛି। ଏଭଳି ଘଟଣା ଆନନ୍ଦପୁର ବ୍ଲକ କଣ୍ଟିପାଳ ଗ୍ରାମରେ ଦେଖିବାକୁ ମିଳିଛି। ସୋମବାର ସକାଳ ସମୟରେ ଗ୍ରାମର କାଳନ୍ଦୀ ବାରିକ, ତାଙ୍କ ପୁଅ ଟିଙ୍କୁ ବାରିକ ଓ ଝିଅ ମାନସୀ ବାରିକ ଘରେ ତିଆରି ଚା' ପିଇବାର କିଛି ସମୟ ପରେ ଅସୁସ୍ଥ ହୋଇପଡିଥିଲେ। କାରଣ ଜଣାପଡ଼ି ନ ଥିଲେ ସୁଦ୍ଧା ପରିବାର ଲୋକଙ୍କ ସହାୟତାରେ ସମସ୍ତ ଅସୁସ୍ଥଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

# ପାଠ ଛାଡ଼ି ଦାଦନ ଯାଉଛନ୍ତି ଛାତ୍ରୀଛାତ୍ର

■ ମିଳୁନି ପ୍ରମାଣପତ୍ର, ସରକାରୀ ସୁବିଧାରୁ ବଞ୍ଚିତ

■ ନେତାଙ୍କୁ ପୂରାଇ ଦେବୁନି: ୱାର୍ଡବାସୀ

ବାରିପଦା ଅଫିସ,୮।୧୧

ବାରିପଦା ମ୍ୟୁନସିପାଲିଟି ଅଧୀନ ୯ନଂ. ୱାର୍ଡରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଛାତ୍ରୀଛାତ୍ରମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାସସ୍ଥାନ ପ୍ରମାଣପତ୍ର ନ ଥିବାରୁ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇ ନ ପାରି ସରକାରୀ ସ୍କୁଲରେ ପାଠପଢୁଛନ୍ତି। ଫଳରେ ଅଧାରୁ ପାଠପଢ଼ା ଛାଡ଼ି ପରିବାର ସହ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏନେଇ ୱାର୍ଡବାସୀ ସୋମବାର ଏକ ବୈଠକରେ ଏକାଠି ହୋଇ ଆସନ୍ତା ପଞ୍ଚାୟତ ନିର୍ବାଚନରେ ୱାର୍ଡ ମଧ୍ୟକୁ କୌଣସି ନେତାଙ୍କୁ ପୁରାଇ ଦିଆଯିବ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

ବୁଢ଼ାବଳଙ୍ଗ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଉକ୍ତ ୱାର୍ଡରେ ୫୫ଟି ପରିବାରର ୩ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେଠାରେ ସେମାନେ ୪୫ବର୍ଷ ଧରି ରହିବା ପରେ ମଧ୍ୟ ବାସସ୍ଥାନ ପ୍ରମାଣପତ୍ର ମିଳିପାରୁ ନ ଥିବା ୱାର୍ଡବାସୀ ମାଳତୀ ସିଂ, ମୀନତୀ ସିଂ, ସଞ୍ଜୁଲତା ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ପ୍ରଶାସନକୁ ଅବଗତ କରିବା ପରେ ମଧ୍ୟ ଦୀର୍ଘ ବର୍ଷ ଧରି କେବଳ ପ୍ରତିଶ୍ରୁତି ମିଳିଛି। ମାଟ୍ରିକ ପାସ୍ ପରେ ଆବଶ୍ୟକ ପ୍ରମାଣପତ୍ର ଅଭାବରୁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଭାବକ ଲକ୍ଷ୍ମଣ ମୁଣ୍ଡା, ରାଜୁ ସିଂ, ମଙ୍ଗଳ ସିଂ ପ୍ରମୁଖ କହିଛନ୍ତି। ସେହିପରି ପ୍ରତିବର୍ଷ ନଦୀର ଜଳସ୍ତର ବୃଦ୍ଧି ପାଇ ଅନେକ ଘର ଭାଙ୍ଗି ଯାଇଥିବା ବେଳେ ପଟ୍ଟା ଅଭାବରୁ କ୍ଷତିଗ୍ରସ୍ତଙ୍କୁ ବିଜୁ ପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ମିଳିପାରୁନି। ନିରାପଦ ଛାତ ତଳେ ରହିବା ପାଇଁ ତହସିଲ କାର୍ଯ୍ୟାଳୟ ଓ ମ୍ୟୁନିସିପାଲିଟି ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଭାଗ୍ୟକୁ ଆଦରି ସେମାନେ ପଡ଼ି ରହିଥିବା ମେଘନାଦ ସିଂ, ଦୁର୍ଗାମଣି ସିଂ ଓ ଲକ୍ଷ୍ମୀ ସିଂ ପ୍ରକାଶ କରିଛନ୍ତି।



ବୈଠକରେ ଉପସ୍ଥିତ ୯ନଂ. ୱାର୍ଡବାସୀ।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ରୂପସା, ୮।୧୧(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ବଳବୁଦ୍ଧି ଗ୍ରାମର ଜଣେ ଯୁବକ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ ଅଶୋକ ବେହେରା। ଗତ ୫ତାରିଖରେ ଏହି ଗ୍ରାମର ଶନିଆ ଦାସ ଓ ଯଦୁଆ ଦାସଙ୍କ ମଧ୍ୟରେ ଘରୋଇ କଥାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଅଶୋକ ଉଭୟଙ୍କୁ ବୁଝାଶୁଝା କରୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବସ୍ତା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାରେ ପୋଲିସ ଅଭିଯୁକ୍ତ ଶନିଆ ଦାସଙ୍କୁ ଗିରଫ କରିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପଦ୍ମପୁର,୮।୧୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଙ୍ଗୁଡ଼ା କେନାଲ ଛକ ସ୍ଥିତ ବରଗଛରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସୁଙ୍ଗୁଡ଼ା ଅଞ୍ଚଳର ଦୀପ୍ତିକାନ୍ତ ବିଶ୍ୱାଳ। ସୂଚନା ଅନୁଯାୟୀ, ଦୀପ୍ତିକାନ୍ତ ସ୍ଥାନୀୟ ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ପୂର୍ବାହ୍ନରେ ଗ୍ରାମବାସୀ ତାଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନାରେ ଅପମୃତ୍ୟୁ ମାମଲା (ନଂ.୫୨/୨୧) ରୁଜୁ ହୋଇଛି।

### ବାଇକ୍ ଧକ୍କାରେ ବୃଦ୍ଧା ମୃତ

ପଦ୍ମପୁର, ୮।୧୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମୁଆଁ ଗ୍ରାମର ଅଞ୍ଜଳା ମହାଳିକ ନାମ୍ନୀ ବୃଦ୍ଧାଙ୍କ ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରବିବାର କୁମାରପୁର ଅଞ୍ଚଳର ଜଣେ ଯୁବକ ବାଇକ୍ ନେଇ ଯାଉଥିବା ବେଳେ ତାଙ୍କୁ ରାସ୍ତାରେ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ଜିଲା ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବାସୁଦେବପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପଟେ ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୩୩୮/୨୧) ରୁଜୁ ହୋଇଛି।

### ବାଇକ୍ ଆରୋହୀଙ୍କୁ ମହୁମାଛି ଆକ୍ରମଣ

ଆନନ୍ଦପୁର,୮। ୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଡହୁରିଆ ଗ୍ରାମର ଶ୍ୟାମସୁନ୍ଦର ନାଥ ବାଇକରେ ଆନନ୍ଦପୁର ଆସୁଥିବା ସମୟରେ ବଞ୍ଚୋ ନଦୀ ବନ୍ଧ ରାସ୍ତାରେ ମହୁମାଛି ଆକ୍ରମଣରେ ଗୁରୁତର ହୋଇପଡିଥିଲେ। ସେ ବନ୍ଧ ଉପରେ ଅଚେତ ଅବସ୍ଥାରେ ପଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

### ନିଆଁ ଲାଗି ବୃଦ୍ଧା ଗୁରୁତର

ପାଟଣା, ୮।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ରସପଡା ଗ୍ରାମରେ ଚୁଲିରୁ ନିଆଁ ଲାଗି ଜଣେ ବୃଦ୍ଧା ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବୃଦ୍ଧା ହେଲେ ଯଶୋଦା ମହାନ୍ତ। ତାଙ୍କର ଅଣ୍ଟା ଓ ପିଠିର ୩୬ ପ୍ରତିଶତ ପୋଡ଼ି ହୋଇଯାଇଥିବା ଡା. ଶୁଭେନ୍ଦୁ ସାଗର କୁମାର ନାଏକ କହିଛନ୍ତି। ସେ ରବିବାର ରାତିରେ ରୋଷେଇ କରୁଥିବା ବେଳେ ତାଙ୍କ ପିନ୍ଧା ଲୁଗା କାନିରେ ନିଆଁ ଲାଗି ଯାଇଥିଲା।

### ଟ୍ରେନରେ କଟି ଯୁବକ ମୃତ

ରୂପସା, ୮।୧୧(ଡି.ଏନ.ଏ.):ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ବାଲେଶ୍ୱର ଜିଲା ରୂପସା ରେଳଷ୍ଟେଶନଠାରେ ସୋମବାର ଏକ ମାଲବାହୀ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିଂଲା ଥାନା ବାହାଦଲପୁର ଗ୍ରାମର ଦୀପକ ବେଜ (୩୫)। ଟ୍ରେନ ଷ୍ଟେଶନ ଅତିକ୍ରମ କରୁଥିବା ବେଳେ ଯୁବକ ଜଣକ ସାମ୍ନାକୁ ଡେଇଁ ଆତ୍ମହତ୍ୟା କରିଥିବା ଜିଆରପି ଥାନା ପକ୍ଷରୁ କୁହାଯାଇଛି। ଜିଆରପି ଥାନାରେ ଅପମୃତ୍ୟୁ ମାମଲା (ନଂ. ୫୮/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଛି। ରେଳଧାରଣାରୁ ମୃତଦେହ ଜବତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି।

## ଆଖଣ୍ଡଳମଣି ପୀଠରେ ଭିଡ଼

ଆରଡ଼ି, ୮।୧୧ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ପୀଠରେ କାର୍ତ୍ତିକ ମାସର ୪ର୍ଥ ସୋମବାର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଭୋର ୫ଟାରେ ମଙ୍ଗଳ ଆଳତି କରାଯାଇଥିଲା। ପରେ ଯଥା ସମୟରେ ଦୈନିକ ନୀତିକାନ୍ତି ସମାପନ ହୋଇଥିଲା। କୋଭିଡ୍ ନିୟମ ଅନୁଯାୟୀ ସକାଳ ୬ଟାରେ ଭକ୍ତମାନେ ଧାଡ଼ିରେ ଆସି ଦର୍ଶନ କରିଥିଲେ। ପୀଠରେ ସ୍ୱଳ୍ପ ସଂଖ୍ୟକ ପୋଲିସ ମୁତୟନ ହୋଇଥିବାରୁ ଯାନବାହାନ ନିୟନ୍ତ୍ରଣ କରିବାରେ ସମସ୍ୟା ଉପୁଜିଥିଲା। ଏପରିକି ଏତେ ସଂଖ୍ୟକ ଭକ୍ତଙ୍କ ସମାଗମ ଯୋଗୁ ମନ୍ଦିର ପ୍ରଶାସନ ପକ୍ଷରୁ ମାସ୍କ ଚେକିଂ କରାଯାଇ ପାରି ନ ଥିଲା। ଫଳରେ ବହୁ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବାରୁ ଏହା ବାହାର ପାର୍ଶ୍ୱରେ ସେବାୟତମାନଙ୍କ ଘରକୁ ଭକ୍ତମାନେ ଯିବା ଆସିବା କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏପରିକି ଠେଲାପେଲା ହେଲା ଭଳି ପରିସ୍ଥିତି ଉପୁଜିଥିଲା। ପୀଠ ବାହାରେ ଶୌଚାଳୟ ଥିବାରୁ ଶ୍ରଦ୍ଧାଳୁମାନେ ଶୌଚ ହେବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେବଳ ସେତିକି ନୁହେଁ ଭିଡ଼ରେ ବୁଲାଷଣ୍ଢଙ୍କ ଅବାଧ ଯାତାୟାତ ମଧ୍ୟ ସମସ୍ୟା ସୃଷ୍ଟି କରିଥିଲା। ପରବର୍ତ୍ତୀ ସୋମବାରଠାରୁ ଅଧିକ ପୋଲିସ ମୁତୟନ କରାଯାଇ ଭିଡ଼ ନିୟନ୍ତ୍ରଣ, ପାନ୍ଥଶାଳା ନିକଟରେ ଛୋଟ ଛୋଟ ଗାଡ଼ି ଅଟକାଇବା ପାଇଁ ଅସ୍ଥାୟୀ ଷ୍ଟାଣ୍ଡ, ମନ୍ଦିର ପ୍ରଶାସନ ପକ୍ଷରୁ ମାସ୍କ ଚେକିଂ ସହ କୋଭିଡ୍ କଟକଣା ବଳବତ୍ତର କରିବା, ମନ୍ଦିରଠାରୁ କିଛି ଦୂରରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଲାଗି ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ କହିଛନ୍ତି, ପୋଲିସ ଫୋର୍ସଙ୍କ ସଂଖ୍ୟା କମ୍ ଥିବାରୁ ମାସ୍କ ଚେକିଂ ଉପରେ ଗୁରୁତ୍ୱ ଦେବା କଷ୍ଟସାଧ୍ୟ। ତେବେ ପରବର୍ତ୍ତୀ ସମୟରେ ମାସ୍କ ଚେକିଂ କଡ଼ାକଡ଼ି କରାଯିବା ସହ କୋଭିଡ୍ କଟକଣା ଉପରେ ଗୁରୁତ୍ୱ ଦିଆଯିବ।



ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ଲକ୍ଷ୍ମୀକାନ୍ତ ସଭାପତି, ଦୀପକ ସମ୍ପାଦକ

### ଫକୀରମୋହନ ସାହିତ୍ୟ ପରିଷଦ କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର ଅଫିସ, ୮।୧୧

ବାଲେଶ୍ୱର 'ଫକୀରମୋହନ ସାହିତ୍ୟ ପରିଷଦ'ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ଶାନ୍ତିକାନନ ପରିସରରେ ପରିଷଦର ବାର୍ଷିକ ସାଧାରଣ ସଭା ପରେ ଆଗାମୀ ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରିଷଦର ମୋଟ ୪୧୦ଜଣ ସଭ୍ୟଙ୍କ ମଧ୍ୟରୁ ୩୧୦ମତଦାନ କରିଥିଲେ। ଭୋଟଗଣତି ପରେ ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭାପତି, ଦୀନବନ୍ଧୁ ଲେଙ୍କା ଓ ପ୍ରଦୀପ କୁମାର ଚାଟାର୍ଜୀ ଉପସଭାପତି, ଦୀପକ ବୋଷ ସମ୍ପାଦକ, କଲ୍ୟାଣୀ ନନ୍ଦ ଓ ସାରଙ୍ଗଧର ତ୍ରିପାଠୀ ଯୁଗ୍ମ ସମ୍ପାଦକ, ତପନ କୁମାର ରାୟ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସୁବାସିନୀ ଜେନା, ରଞ୍ଜନ ବାଗ, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ଭାଗବତ ପ୍ରସାଦ ଦାସ, ନିବାରଣ ଜେନା, ସୁକାନ୍ତ ଗିରି, ବିଷ୍ଣୁପ୍ରସାଦ ମହାନ୍ତି, ସୈରିନ୍ଧ୍ରୀ ସାହୁ, ଅଞ୍ଜଳି ପଣ୍ଡା, ରାଜେଶ ଗିରି କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଡ. ହରିଶ୍ଚନ୍ଦ୍ର ବେହେରା ନିର୍ବାଚନ ପରିଚାଳନା କରିଥିବା ବେଳେ ଡ. ପୂର୍ଣ୍ଣବ୍ରତ ମହାନ୍ତି, ଡ. ଶିରୀଶ ଚନ୍ଦ୍ର ଜେନା ଏବଂ କୁମାର ଗୋପାଳ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଦସ୍ୟମାନଙ୍କ ପାଇଁ ନିର୍ବାଚନ କରା ନ ଯାଇ ମନୋନୀତ କରାଯାଇଥିବାରୁ 'ଫକୀରମୋହନ ସାହିତ୍ୟ ପରିଷଦ'ର ଅନ୍ୟ ଏକ ଗୋଷ୍ଠୀ କ୍ଷୋଭ ପ୍ରକାଶ କରିଥିଲେ। ଏହା ନିର୍ବାଚନ ଆଇନ ଉଲ୍ଲଂଘନ କରୁଥିବାରୁ ପ୍ରତିବାଦ କରି ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ପରିଷଦ ସଭାପତି ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କୁହନ୍ତି, ପୂର୍ବରୁ ୨ଥର ଏହି ପରିଷଦରେ ସଭାପତି ଭାବେ ନିର୍ବାଚିତ ହୋଇଥିଲି। ସାହିତ୍ୟ ପରିଷଦକୁ ଓଡ଼ିଶାରେ ନୂତନ ରୂପରେ ପରିଚିତ କରାଇବାରେ କାର୍ଯ୍ୟ କରିଛି। ଆସନ୍ତା ୩ବର୍ଷ ମଧ୍ୟରେ ସାହିତ୍ୟର ଉନ୍ନତି ଲକ୍ଷ୍ୟରେ ନୂତନ ସାହିତ୍ୟିକମାନଙ୍କ କବିତା ଓ ଗଳ୍ପ ପ୍ରସାରିତ କରାଯାଇପାରିବ ସେନେଇ ଉଦ୍ୟମ କରିବି। ଐତିହାସିକ ଗଡ଼ଗଡ଼ିଆ ଘାଟରେ ଫକୀରମୋହନ ସେନାପତି, ମଧୁସୂଦନ ଦାସ, ରାଧାନାଥ ରାଓଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଫକୀରମୋହନ ସମ୍ବନ୍ଧୀୟ ଇଂରାଜୀ ପ୍ରବନ୍ଧ ଓ ବିଭିନ୍ନ ଗ୍ରନ୍ଥ ପ୍ରକାଶନ ପାଇଁ ସହଯୋଗ ଲୋଡ଼ିଛନ୍ତି।



ଫକୀରମୋହନ ସାହିତ୍ୟ ପରିଷଦର ନବନିର୍ବାଚିତ ସଦସ୍ୟ

### ସ୍କୁଟିରେ ଲାଗିଲା ନିଆଁ

ଆନନ୍ଦପୁର, ୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ରହିଥିବା ଏକ ସ୍କୁଟିରେ ହଠାତ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଏହାକୁ ଆୟତ୍ତ କରାଯାଇଥିଲା। ସୂଚନା ଅନୁଯାୟୀ, ସୋମବାର ଜଣେ ବ୍ୟକ୍ତି ଏକ ସ୍କୁଟି ଯୋଗେ ନିଜ ସ୍ତ୍ରୀଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଉଭୟ ସ୍କୁଟି ରଖି ଡାକ୍ତରଖାନାକୁ ଯାଇଥିବାବେଳେ ସେ ରଖିଯାଇଥିବା ସ୍କୁଟି ହଠାତ ଜଳି ଉଠିଥିଲା। ତେବେ ସର୍ଟ ସର୍କିଟ କାରଣରୁ ଏଭଳି ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି।

### ପୃଥକ୍ ଘଟଣାରେ ୧୧ ଗିରଫ

ବଡ଼ବିଲ, ୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଦୁଇଟି ପୃଥକ୍ ଘଟଣାରେ ସୋମବାର ୧୧ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ଠାକୁରାଣୀସ୍ଥିତ ପରିବହନ ସଂସ୍ଥା କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା ଓ ଧମକ ଅଭିଯୋଗ ଅନୁଯାୟୀ ବଡବିଲ ଥାନାରେ ଏକ ମାମଲା (ନଂ.୨୦୮/୨୧) ରୁଜୁ ହୋଇଥିବାବେଳେ ସେହି ରାତିରେ ଉପରବସ୍ତିରେ ଏକା ଥିବା ଜଣେ ମହିଳାଙ୍କ ଘରେ ପଶି ଧମକ ଓ ଗାଡି ଭଙ୍ଗାରୁଜା ଅଭିଯୋଗ ଅନୁଯାୟୀ ଏକ ମାମଲା (ନଂ.୨୦୯/୨୧) ରୁଜୁ ହୋଇଛି। ଉଭୟ ଘଟଣାରେ ସଂପୃକ୍ତ ମୋଟ ୧୧ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୁଶାନ୍ତ ଦାଶ ସୁଚନା ଦେଇଛନ୍ତି।

### ପ୍ରଦୀପ୍ତ ଏନ୍ଏସ୍‌ୟୁଆଇର ଜିଲା ସାଧାରଣ ସମ୍ପାଦକ

ବାହାନଗା, ୮।୧୧(ଡି.ଏନ.ଏ.)

ଜାତୀୟ ଛାତ୍ରସଂଘର ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ତରଫରୁ ଏନ୍ଏସ୍‌ୟୁଆଇର ବାଲେଶ୍ୱର ଜିଲା ନିମନ୍ତେ ୧୬ଜଣିଆ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି କରାଯାଇଛି। ଏହି କମିଟିରେ ପ୍ରଦୀପ୍ତ ନାୟକ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ଓଡିଶା ଦାୟିତ୍ୱରେ ଥିବା ଏନଏସୟୁଆଇର ଜାତୀୟ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଅନୁଲେଖା ବୋଷା ଓ ରାଜ୍ୟ ଛାତ୍ର କଂଗ୍ରେସର ସଭାପତି ୟାସିରି ନୱାଜଙ୍କ ଦ୍ୱାରା ତାଙ୍କୁ ମନୋନୀତ କରାଯାଇ ନିଯୁକ୍ତି ଦିଆଯାଇଛି।



### କାର୍ଯ୍ୟରେ ଯୋଗଦେଲେ ନୂତନ ପ୍ରକଳ୍ପ ଅଧିକାରୀ

ଚମ୍ପୁଆ, ୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଆଦିବାସୀ ଉନ୍ନୟନ ସଂସ୍ଥାରେ ନୂତନ ପ୍ରକଳ୍ପ ଅଧିକାରୀ ଭାବେ ଜୟଶ୍ରୀ ମଲ୍ଲିକ ଯୋଗ ଦେଇଛନ୍ତି। ୨୦୧୮ରୁ ଏହି ପଦବୀରେ କୌଣସି ସ୍ଥାୟୀ ଅଧିକାରୀ ଯୋଗ ଦେଇନଥିବାରୁ ଉପଜିଲାପାଳ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ। ଏହାପୂର୍ବରୁ ସେ ରାୟଗଡା ଜିଲାର ରାମନାଗୁଡା ତହସିଲଦାର ଭାବରେ କାର୍ଯ୍ୟ କରିଆସୁଥିଲେ। ଆଦିବାସୀ ବହୁଳ ଚମ୍ପୁଆ ଉପଖଣ୍ଡରେ ଆଦିବସୀ ଉନ୍ନୟନ ସଂସ୍ଥା ପ୍ରମୁଖ ଦାୟିତ୍ୱ ଗ୍ରହଣ କରୁଥିବାରୁ ନିୟମିତ ଅଧିକାରୀଙ୍କ ଯୋଗ ଦାନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଜଣାଯାଇଛି। ସମସ୍ତଙ୍କର ସହଯୋଗ ମିଳିଲେ ନିଶ୍ଚିତ ଉନ୍ନତି କରାଯାଇପାରିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

### ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ବାହାନଗା, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଅଟାସପୁର ଗ୍ରାମର ବୃଦ୍ଧ ଗୁରୁପ୍ରସାଦ ମଲ୍ଲିକ(୬୦)ଗତ ରବିବାର ଘରୁ ନିଖୋଜ ହୋଇଯାଇଥିଲେ। ସୋମବାର ମାଟିଗଡିଆ ପୋଖରୀରେ ଗୁରୁପ୍ରସାଦ ଭାସୁଥିବା ଦେଖି ମଦନାପୁର ଗ୍ରାମବାସୀ ଖବର ଦେଇଥିଲେ। ଗୁରୁପ୍ରସାଦଙ୍କ ପରିବାର ଲୋକ ପୋଖରୀକୁ ଯାଇ ଭାସୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପରେ ପାଣିରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଗ୍ରାହକଙ୍କ ଟଙ୍କା ଫେରାଇବାକୁ କୋର୍ଟ ନିର୍ଦ୍ଦେଶ

ଉଦଳା,୮।୧୧(ଡି.ଏନ.ଏ.)

ଜଣେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଥିବା ବେଳେ ତାହା ଅନ୍ୟ ଜଣଙ୍କ ନିକଟରେ ପହଞ୍ଚି ନ ଥିଲା। ବାରିପଦା ଲୋକ ଅଦାଲତ ଏହି ମାମଲାର ବିଚାର କରି ସମ୍ପୃକ୍ତ ଗ୍ରାହକଙ୍କୁ ଟଙ୍କା ଫେରାଇବା ପାଇଁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ୮ନଂ. ୱାର୍ଡର ବାସିନ୍ଦା ମାନସ କୁମାର ମହାନ୍ତି ୨୦୧୯ ଜୁଲାଇ ୧୮ରେ ବାରିପଦା ସ୍ଥିତ ଏକ ଦୋକାନରୁ ୪୦ ହଜାର ଟଙ୍କାର ମାର୍ବଲ କିଣିଥିଲେ। ଏଟିଏମ୍ ଡେବିଟ୍ କାର୍ଡ ମାଧ୍ୟମରେ ପିଓଏସ୍ ମେଶିନ୍ ଦ୍ୱାରା ସେ ଦୋକାନୀଙ୍କୁ ଅର୍ଥ ପୈଠ କରିଥିଲେ। ହେଲେ ଟଙ୍କା ଦୋକାନୀଙ୍କ ଆକାଉଣ୍ଟକୁ ଯାଇ ନ ଥିବା ବେଳେ ମାନସଙ୍କ ଆକାଉଣ୍ଟରୁ କଟି ଯାଇଥିଲା। ଏନେଇ ସେ ଉଦଳା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ତେବେ ମାସମାସ ଧରି ବ୍ୟାଙ୍କକୁ ଦୌଡ଼ିବା ପରେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ କଥା ଶୁଣି ନ ଥିଲେ। ଏ ନେଇ ମାନସ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଶେଷରେ ବାରିପଦା ଲୋକ ଅଦାଲତରେ ଏହି ମାମଲାର ଫଇସଲା ହୋଇଥିଲା। ଉଦଳା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଗ୍ରାହକ ମାନସଙ୍କୁ ୪୦ ହଜାର ଟଙ୍କା ସମେତ ତାହାର ସୁଧ, ଅନୁକମ୍ପା ରାଶି ଭାବେ ୧୦ ହଜାର ଏବଂ ମୋକଦ୍ଦମା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଅସହାୟ କଳ୍ପନାଙ୍କୁ ପାଠ ପଢ଼ିବାକୁ ସହାୟତା

କେନ୍ଦୁଝର, ୮।୧୧(ଡି.ଏନ୍.ଏ.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଶଙ୍କିରୀ ପଞ୍ଚାୟତ ପୋଟଳ ଗ୍ରାମର ବାପା ମା' ଛେଉଣ୍ଡ ଅସହାୟ କଳ୍ପନା ମୁଣ୍ଡାଙ୍କ ପାଠ ପଢିବାର ଅଦମ୍ୟ ଆଗ୍ରହ ଦୃଷ୍ଟିକୁ ଆସିବା କ୍ଷଣି ଜିଲାପାଳ ଆଶିଷ ଠାକ୍‌ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। କଳ୍ପନାଙ୍କୁ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯିବା ଆସିବା ପାଇଁ ଏକ ସାଇକେଲ, ଯୁକ୍ତ ୨ ଦୁଇବର୍ଷ ପାଠ୍ୟକ୍ରମର ସମସ୍ତ ପାଠ୍ୟପୁସ୍ତକ ଓ ଉପକରଣ ସହ ପୋଷାକ ଓ ସ୍କୁଲ ଫି' ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲା ଜରୁରୀକାଳୀନ ଅଧିକାରୀ ସୁରଞ୍ଜିକା ବେହେରା, ଜିଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏ. ଆର୍. ଖାନ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭରଙ୍କ ଠାରୁ ଟଙ୍କା, ମୋବାଇଲ ଲୁଟ୍: ୫ ଗିରଫ

ଯୋଡ଼ା, ୮।୧୧(ଡି.ଏନ.ଏ.)

ଟ୍ରକ୍ ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଓ ମୋବାଇଲ ଲୁଟ ଅଭିଯୋଗରେ ୫ ଅଭିଯୁକ୍ତଙ୍କୁ କେନ୍ଦୁଝର ଜିଲା ବାମେବାରୀ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଜୁରୁଡି ନ୍ୟୁ କଲୋନୀର ଗିଡୁ ମାଝି, ଗୁରୁଚରଣ ତନ୍ତୀ, ସନାତନ ମୁଣ୍ଡା, ଅରୁଣ ମୁଣ୍ଡା, ବାବୁଲା ସିତାରି। ପୋଲିସ ଏନେଇ ଏକ ମାମଲା (ନଂ.୧୫୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଓଆଇସି ମନୋରଞ୍ଜନ ବିଶି କହିଛନ୍ତି।

## ମୋବାଇଲ ଚୋରଙ୍କୁ କାବୁ କଲେ ଲୋକେ

ସୋର, ୮।୧୧(ଡି.ଏନ.ଏ.)

ସୋର ଡାକ୍ତରଖାନା ପରିସରରେ ଜଣେ ଡାକ୍ତରଖାନା କର୍ମଚାରୀଙ୍କ ମୋବାଇଲ ଚୋରି କରି ଦୌଡି ପଳାଉଥିବା ଜଣେ ଯୁବକଙ୍କୁ କାବୁ କରିଛନ୍ତି ରୋଗୀଙ୍କ ସମ୍ପର୍କୀୟ। ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ପଠାଣମହଲା ବସ୍ତିର ଇମ୍ରାନ୍ ଶାହା ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ଗୋଛାୟତଙ୍କ ମୋବାଇଲ ନେଇ ଦୌଡି ପଳାଉଥିବା ବେଳେ ତାଙ୍କ ପାଟି ଶୁଣି ସେଠାରେ କେତେଜଣ ରୋଗୀଙ୍କ ସମ୍ପର୍କୀୟ ଇମ୍ରାନ୍‌ଙ୍କୁ ଧରି ବାନ୍ଧି ପକାଇଥିଲେ। ସୋର ପୋଲିସ ପହଞ୍ଚି ତାଙ୍କୁ ନେଇ ଥାନାରେ ରଖି ପଚରାଉଚରା କରୁଛି।

## ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ବୈଠକ

ଭଦ୍ରକ ଅଫିସ,୮।୧୧

୩ ଦଫା ଦାବି ନେଇ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଭଦ୍ରକ ଶାଖା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସଭାପତି କୁଞ୍ଜବିହାରୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ନୂତନ ସଭ୍ୟ ସଂଗ୍ରହ ସହ ସର୍ବନିମ୍ନ ପେନ୍‌ସନଯୁକ୍ତ ଡିଏ, ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ବର୍ଦ୍ଧିତ ପେନ୍‌ସନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ଆଦି ୩ ଦଫା ଦାବି କରାଯାଇଛି। ଜଗତାନନ୍ଦ ମହାନ୍ତି, ବସନ୍ତ ମଲ୍ଲିକ, ମୃତ୍ୟୁଞ୍ଜୟ ମହାପାତ୍ର, ଅଜିତ କୁମାର ହୋତା, ଅଜୟ କୁମାର କୁଣ୍ଡୁ, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆସନ୍ତା ୧୬ ତାରିଖ ଦାବି ଦିବସରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରେ ସାମିଲ ହେବାକୁ ସଭାପତି ନାୟକ ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ବାଞ୍ଛାନିଧି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର କର୍ମକର୍ତ୍ତା।

## ବାଲିଖାଦାନ ନିଲାମକୁ ବିରୋଧ

### ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ବାଲେଶ୍ୱର ଅଫିସ, ୮।୧୧

ବାଲେଶ୍ୱର ଜିଲା ରେମୁଣା ତହସିଲ ନରହରିପୁର ରାଜସ୍ୱ ନିରୀକ୍ଷକ ଅଧୀନ ମାକନ୍ଦା ରାଜସ୍ୱ ଗ୍ରାମ ଦେଇଯାଇଥିବା ବୁଢ଼ାବଳଙ୍ଗ ନଦୀରେ ଥିବା ବାଲିଖାଦାନକୁ ନିଲାମ କରିବା ପାଇଁ ତହସିଲଦାର ରେମୁଣା ପତ୍ର ସଂଖ୍ୟା ୫୨୫୨, ତାରିଖ ୨୫।୧୦।୨୦୨୧ରେ ଅନୁସୂଚିତ କରାଯାଇଛି। ଏହାକୁ ସମୂହ ଗ୍ରାମବାସୀ ବିରୋଧ କରିଛନ୍ତି। ସୋମବାର ଗ୍ରାମବାସୀ ଏକାଠି ହୋଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମଧ୍ୟ ଜଣାଇଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ବୁଢ଼ାବଳଙ୍ଗ ନଦୀରେ ପ୍ରବଳ ବନ୍ୟା ସୃଷ୍ଟି ହେଉଛି। ମାକନ୍ଦା ଗ୍ରାମ ସହ ପାଖାପାଖି ଅଞ୍ଚଳରେ ନଦୀକୂଳ ଖାଇ କ୍ଷତି ହେଉଛି। ନଦୀକୂଳିଆ ଅଞ୍ଚଳରେ ପଥର ପ୍ୟାକିଂ ନ ଥିବାରୁ କ୍ଷୟକ୍ଷତି ରକ୍ଷା କରାଯାଇପାରୁନି। ରକ୍ଷଣାବେକ୍ଷଣ ନ ହେବା ଯୋଗୁ ନଦୀର ପ୍ରବଳସ୍ରୋତରେ କୂଳ ଖାଇ ବାଲିଚର ସୃଷ୍ଟି ହେଉଛି। ବାଲିଚର କିଛିମାତ୍ରାରେ ନଦୀସ୍ରୋତକୁ ପ୍ରତିରୋଧ କରୁଛି। ଏହି ବାଲିଚରକୁ ନିଲାମ କରାଗଲେ ଅଧିକ ନଦୀକୂଳ କ୍ଷତି ହେବ। ଗ୍ରାମବାସୀଙ୍କ ଅନୁପସ୍ଥିତି ଓ ସୁଚିନ୍ତିତ ମତାମତ ନ ନେଇ ବାଲି ଖାଦାନ ନିଲାମ କରିବା ସମ୍ପୂର୍ଣ୍ଣ ବେଆଇନ। ବିଭାଗୀୟ ଅଧିକାରୀ ପରିବେଶ ପ୍ରମାଣପତ୍ର, ଗ୍ରାମବାସୀଙ୍କ ଅନୁପସ୍ଥିତିରେ ଜମିର ସୀମା ନିର୍ଦ୍ଧାରଣ, ବାଲି ଖାଦାନକୁ ଚୂଡ଼ାନ୍ତ କରିବା ପୂର୍ବରୁ କୌଣସି ଜନଶୁଣାଣି ନ କରି ସ୍ଥାନୀୟ ପ୍ରଶାସନ ବ୍ୟବସ୍ଥା ବିରୋଧରେ କାର୍ଯ୍ୟ କରିବା, ବାଲି ଖାଦାନକୁ କୌଣସି ରାସ୍ତା ନ ଥିବାରୁ ନିଲାମଧାରୀ ସରକାରୀ ଜମିରେ ଅବୈଧ ଭାବେ ରାସ୍ତା ନିର୍ମାଣ କରି ଗୋଚର ଗ୍ରାମ୍ୟ ଜଙ୍ଗଲକୁ କ୍ଷୟ କରିବା ଭଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଦୀକୂଳରେ ବାଲିଖାଦାନ ନିର୍ମାଣ ହେଲେ ଉପକୂଳବର୍ତ୍ତୀ ଗାଁଗୁଡିକ ଖୁବ୍‌ଶୀଘ୍ର ନଦୀଗର୍ଭରେ ଲୀନ ହେବାର ଆଶଙ୍କା ନେଇ ଗ୍ରାମବାସୀ ବଂଶୀଧର ବେହେରା, ଦାମୋଦର ବେହେରା, ହେମନ୍ତ କୁମାର ପଣ୍ଡା, ତପନ ପାଣିଗ୍ରାହୀ, ଜିତେନ୍ଦ୍ର ମିଶ୍ର, ସୁବ୍ରତ ପଣ୍ଡା ପ୍ରମୁଖ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗ୍ରାମବାସୀ।

## ମୃତଚାଷୀଙ୍କ ପରିବାରକୁ ୫ଲକ୍ଷ ବୀମାରାଶି

ଜଳେଶ୍ୱର, (ଡି.ଏନ.ଏ.)-ଜଳେଶ୍ୱର ବ୍ଲକ ରାୟାଁରାମଚନ୍ଦ୍ରପୁର ସେବା ସମବାୟ ସମିତି ଅଧୀନ ଚାଲନ୍ତି ଗ୍ରାମର ଚାଷୀ ସ୍ୱର୍ଗତ ହରେକୃଷ୍ଣ ମହାନ୍ତିଙ୍କ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କ ପୁତ୍ର ସନ୍ତୋଷଙ୍କୁ ସେବା ସମବାୟ ସମିତି ପକ୍ଷରୁ ସୋମବାର ୫ଲକ୍ଷ ଟଙ୍କା ବୀମାରାଶି ପ୍ରଦାନ କରାଯାଇଛି। ଜଳେଶ୍ୱର ସେବା ସମବାୟ ବ୍ୟାଙ୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ଦେବାଶିଷ ଦେ, ପ୍ରଶାସନିକ ଅଧିକାରୀ ଦେବାଶିଷ ଦାସ, ହିସାବରକ୍ଷକ କୁମାରେନ୍ଦୁ ସେଠୀ, ପରିଦର୍ଶକ କମଳାକାନ୍ତ ଦାସଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ



**ଭଦ୍ରକ ଅଫିସ,୮।୧୧:** ମା' ଭଦ୍ରକାଳୀ ସପ୍ତମାତୃକା ବେଶର ପଞ୍ଚମ ଦିନରେ ସୋମବାର ଜଗଦ୍ଧାତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ବେଶରେ ବାଘ ମା'ଙ୍କର ବାହନ ଥିବାବେଳେ ମୁଖ ମଣ୍ଡଳ କୃଷ୍ଣ ବର୍ଣ୍ଣ ଥିଲା। ମା' ନାଲି ପାଟ ବସ୍ତ୍ର ପରିଧାନ କରିଥିବା ବେଳେ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ହସ୍ତରେ ଶଙ୍ଖ, ଚକ୍ର, ଗଦା, ଖଡ୍ଗ ଧାରଣ କରି ଚତୁର୍ଭୁଜମୂର୍ତ୍ତିରେ ପ୍ରକଟ ହୋଇଥିଲେ। ଏହି ବେଶରେ ମା'ଙ୍କୁ ଦର୍ଶନ କଲେ ଭକ୍ତଙ୍କ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ଷଷ୍ଠ ଦିନରେ ମା' ପଦ୍ମାସନା ହଂସ ବାହନରେ ମହାସରସ୍ୱତୀ ବେଶରେ ଦର୍ଶନ ଦେବେ।

### ଯୁବକଙ୍କ ଆତ୍ମହତ୍ୟା

**କୁଳିଅଣା,୮।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ଖାଣ୍ଡିଆ ଗ୍ରାମର ରତିକାନ୍ତ ନାଏକ (୧୮) ରବିବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ପିଆର୍‌ଏମ୍ ମେଡିକାଲ ନେଇଥିଲେ ଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬୦/୨୧) ରୁଜୁ ହେଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### ଜବରଦଖଲରେ ମୂଲ୍ୟବାନ ସରକାରୀ ଜମି

**ଚମ୍ପୁଆ, ୮।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅଧୀନରେ ଦିନକୁ ଦିନ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ବଢ଼ିବାରେ ଲାଗିଛି। ଫଳରେ ସରକାରୀ ଜମିର ପରିମାଣ ହ୍ରାସ ହୋଇ ଚାଲିଛି। ଏପରିକି ଚାରଣ ଭୂଇଁ ଗୁଡିକ ଜବରଦଖଲ ହେବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ଅଭାବ ଏକ ପ୍ରମୁଖ ଲାରଣ ପାଲଟିଲାଣି। ଏହି ଜମିଗୁଡିକର ସୁରକ୍ଷାପାଇଁ କାଁ ଭାଁ କେଉଁଠି ତାରବାଡ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ଦିଆ ଯାଉଛି ହେଲେ କିଛି ମାସ ପରେ ତାର ଅସ୍ତିତ୍ୱ ରହୁନାହିଁ। ବିଭାଗର ନାକତଳେ ଜବରଦଖଲ ବଢୁଥିଲେ ବି ବିଭାଗର ନିଦ୍ରା ଭାଙ୍ଗୁନାହିଁ। ବିଶେଷ ଭାବରେ ରାସ୍ତାକଡ ଗୁଡିକରେ ଥିବା ସରକାରୀ ଜମି ଜବରଦଖଲ ହେଉଥିଲେ ମଧ ପ୍ରଶାସନ ହେଉ ବା ତହସିଲ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜନସଂଖ୍ୟା ବୃଦ୍ଧି ଫଳରେ ଗାଁ ଏବେ ସହରରେ ପରିବର୍ତ୍ତନ ହେବାକୁ ଯାଉଥିଲେ ମଧ ରାସ୍ତାଘାଟ ଗୁଡିକ ଅବରୋଧ ଫଳରେ ସଙ୍କୁଚିତ ହେବାରେ ଲାଗିଛି। ଏହି ସରକାରୀ ଜମି ଜବରଦଖଲ ପ୍ରତି ବିଭାଗ ବର୍ତ୍ତମାନ ଠାରୁ ଦୃଷ୍ଟି ନଦେଲେ ଆଗକୁ ସହର ଉନ୍ନତିକରଣରେ ବାଧା ଉପୁଜିବ ବୋଲି କୁହାଯାଉଛି। ଏ ନେଇ ତହସିଲଦାର ସାଇସସ୍ମିତା ହୋତାଙ୍କୁ ପଚାରିବାରୁ ଖୁବ ଶୀଘ୍ର ଏଥିପ୍ରତି ଧାନ ଦିଆଯିବା ସହ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

### ଆଇନଜୀବୀଙ୍କ ଘରୁ ଚୋରି

**ରାଇରଙ୍ଗପୁର,୮।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅଧୀନ ୱାର୍ଡନଂ.୧୫ କାନ୍ତିନଗର ଅଞ୍ଚଳରେ ରହୁଥିବା ଆଇନଜୀବୀ ଇନ୍ଦ୍ରଜିତ ସେନଗୁପ୍ତାଙ୍କ ବାସଗୃହରୁ ରବିବାର ରାତିରେ ଚୋରି ହୋଇଛି। ସେ ନିଜ ଘର ଗୋରୁମହିଷାଣି ଅଞ୍ଚଳକୁ ଯାଇଥିବା ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ ନଗଦ ୧ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ପାଇ ପୋଲିସ ତଦନ୍ତ ଜାରି ରଖିଛି।

# ପୋକ ଲାଗି ଫସଲ ନଷ୍ଟ

## ଚାଷଜମି ବୁଲି ଦେଖିଲେ କୃଷି ଅଧିକାରୀ

**ଖଇରା, ୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ମାଣିତ୍ରୀ, ଜଳଙ୍ଗଗଣ୍ଡିବେଡ, ମହୁଜମପୁର ଆଦି ଗ୍ରାମର ଅଧିବାସୀମାନେ ଧାନଜମିରେ ଜଉଆ ବା ମାଟିଆଗୁଣ୍ଡି ପୋକ ଲାଗି ଶହ ଶହ ଏକର ଚାଷଜମି ନଷ୍ଟ ହୋଇଥିବା ନେଇ ଖଇରା ବ୍ଲକ ବିଡିଓ ଓ କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ, ଋଣଛାଡ ବ୍ୟବସ୍ଥା କରିବାକୁ ଚାଷୀ ସୁଶାନ୍ତ କୁମାର ପାଢୀ, ଗଜେନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ଦାସ, ବଳରାମ ସାହୁ, ମହେନ୍ଦ୍ର ସାହୁ, ପିତାମ୍ବର ହାତୀ, ରବୀନ୍ଦ୍ର ସାହୁ ଓ ରତ୍ନାକର ଜେନା ପ୍ରମୁଖ ଦାବି କରିଛନ୍ତି । ଚାଷୀମାନଙ୍କର ଅଭିଯୋଗ ଅନୁଯାୟୀ ଚଳିତବର୍ଷ ଚାଷୀମାନେ ପ୍ରତିକୂଳ ପାଗ ସତ୍ତ୍ୱେ ପାଣି ଭଳି ଅର୍ଥ ଖର୍ଚ୍ଚ କରି ଧାନଚାଷ କରିଥିଲେ। ହେଲେ ଜଉଆ ପୋକ ଲାଗିବା କାରଣରୁ ଧାନ ଅମଳ ଆଶା ମଉଳିବାରେ ଲାଗିଛି। ତୁରନ୍ତ କ୍ଷତିପୂରଣ ବ୍ୟବସ୍ଥା ନ ହେଲେ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲିଯିବ ବୋଲି ବିଭିନ୍ନ କୃଷକ ସଙ୍ଗଠନ ତରଫରୁ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସରୋଜ ଜେନାଙ୍କୁ ଯୋଗାଯୋଗ କରିବାରେ ଅନ୍ୟତମ କୃଷି ଅଧିକାରୀ ବାସୁଦେବ ଶତପଥୀ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ସରଜମିନ ତଦନ୍ତ କରିଛନ୍ତି । ୫୦ ପ୍ରତିଶତ ରିହାତି ଦରରେ ମାଟିଆ ଗୁଣ୍ଡି ପୋକ ମାରିବା ପାଇଁ କୀଟନାଶକ ପ୍ରଦାନ କରାଯିବାକୁ ଚାଷୀମାନଙ୍କୁ କୁହାଯାଇଛି। ଧାନ କଟା ସରିବା ପରେ କ୍ଷୟକ୍ଷତି କଥା ବିଚାରକୁ ନିଆଯିବ ବୋଲି କହିଛନ୍ତି।



କୃଷି ଅଧିକାରୀ ଚାଷଜମି ବୁଲି ଦେଖୁଛନ୍ତି।

## ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ତଦାରଖ



ତହସିଲଦାର ଅଙ୍କିତା ବାରିକ ବୁଥ୍‌ରେ ଭୋଟର ତାଲିକା ଯାଞ୍ଚ କରୁଛନ୍ତି।

**ବନ୍ତ, ୮।୧୧(ଡି.ଏନ.ଏ.)**

ଗତ ୧ ତାରିଖରୁ ଭୋଟର ତାଲିକା ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ପ୍ରତି ବୁଥ୍‌ରେ ବିଏଲ୍‌ଓମାନେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଯାଞ୍ଚରେ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ, ବାଦ୍ ଆଦି କାର୍ଯ୍ୟ ହେଉଛି। ଭଦ୍ରକ ଜିଲା ବନ୍ତ ବ୍ଲକର ବୁଥ୍ ନଂ-୮୯ ଚାଇଁପୁର ପ୍ରାଥମିକ ବିଦ୍ୟାଳୟ, ବୁଥ ନଂ-୫୯ ରାମନାରାୟଣ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୫୬ ଆପଣ୍ଡା ମଇ ବିଦ୍ୟାଳୟ, ବୁଥ୍ ନଂ-୫୭ କଟିଣା ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୫୪ ବସନ୍ତିଆ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୫୫ ବସନ୍ତିଆ ମଇ ବିଦ୍ୟାଳୟ, ବୁଥ୍ ନଂ-୯୦ ଚାଇଁପୁର ପ୍ରାଥମିକ ଆଦି ବିଦ୍ୟାଳୟ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ ଅଭିଯାନ ତଦାରଖ କରିଛନ୍ତି ତହସିଲଦାର ଅଙ୍କିତା ବାରିକ। ସେହିପରି ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ବୁଥ୍ ନଂ-୧୧୭ରୁ ୧୩୦ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ତଦାରଖ କରିଥିଲେ।

## 'ଅଣ୍ଡା, ଚାଉଳ ଫେରାଇ ନିଅ, ସ୍କୁଲ ଚାଲୁ କର'




ବିଦ୍ୟାଳୟ ଖୋଲିବା ଦାବି ନେଇ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

**ଭୋଗରାଇ, ୮।୧୧(ଡି.ଏନ.ଏ.)**

ପ୍ରାଥମିକ ବିଦ୍ୟାଳୟ ଖୋଲିବା ଦାବିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମୁଖରେ ସୋମବାର ବାରବାଟିଆ ଆଦିବାସୀ ପ୍ରାଥମିକ ବିଦ୍ୟାଳୟ ଓ ଘଣ୍ଟିଲୋଡ଼ି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବହୁ ଛାତ୍ରୀଛାତ୍ର ଥାନାଛକଠାରୁ ଶୋଭାଯାତ୍ରାରେ ବାହାରି ସରକାର ତୁମେ ଅଣ୍ଡା, ଚାଉଳ ଫେରାଇ ନେଇ ଆମ ସ୍କୁଲ ଚାଲୁ କର ସ୍ଲୋଗାନ ଦେଇ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ଡିଏସ୍‌ଓ ଛାତ୍ରନେତା ହରେକୃଷ୍ଣ ଦାସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟ ସରକାର ଭୋଗରାଇର ୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦେଇଥିବାରୁ ଭୋଗରାଇରେ ଡିଏସ୍‌ଓ ଛାତ୍ର ସଙ୍ଗଠନ, ଅଭିଭାବକ ଓ ଶିକ୍ଷାପ୍ରେମୀମାନେ ଅବିଳମ୍ବେ ବିଦ୍ୟାଳୟଗୁଡ଼ିକୁ ଚାଲୁ ରଖି ଶିକ୍ଷାଦାନ କରିବାକୁ ଦାବି ହେଉଛି।

## ଜିଓଟ୍ୟାଗ ୟୁଥ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

**ଖଇରା, ୮।୧୧(ଡି.ଏନ.ଏ.)**–ବାଲେଶ୍ୱର ଜିଲା ଖଇରା ବ୍ଲକର ଜିଓ ଟ୍ୟାଗ ୟୁଥ କର୍ମଚାରୀ ସଂଘ ଶାଖା ପକ୍ଷରୁ ୪ ଦଫା ଦାବୀ ପୂରଣ ନେଇ ଏକ ସ୍ମାରକପତ୍ର ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କର ଅଭିଯୋଗ ମୁତାବକ ଗତ ୫ବର୍ଷ ଧରି ଜିଓଟ୍ୟାଗ କର୍ମଚାରୀମାନେ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରକଳ୍ପର କର୍ମଚାରୀ ଭାବେ ନିରବଚ୍ଛିନ୍ନ ସେବା ପ୍ରଦାନ କରି ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ନାମ ପଞ୍ଜିକରଣଠାରୁ ଆରମ୍ଭ କରି ଘର ଘର ବୁଲି ନଥିପତ୍ର ଯୋଗାଡ କରିବା ପର୍ଯ୍ୟନ୍ତ ସମସ୍ତ ସେବା ପ୍ରଦାନ କରି ଆସୁଛନ୍ତି। ସେମାନଙ୍କୁ ହିତାଧିକାରୀ ପିଛା ମାତ୍ର ୫୦ଟଙ୍କା ମିଳୁଛି ଯାହା ଅତ୍ୟନ୍ତ ନଗଣ୍ୟ। ଏଣୁ ପଞ୍ଚାୟତ ନିର୍ବାହୀଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ଭଳି ସେମାନଙ୍କୁ ମଧ ସମାନ ସୁବିଧା ପ୍ରଦାନ କରାଯିବା, ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ପୋଷ୍ଟ, ମାସିକ ଦେୟ ସହିତ କାର୍ଯ୍ୟଚିଠା ପ୍ରଦାନ ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଜିଓ ଟ୍ୟାଗ ୟୁଥ୍ କର୍ମଚାରୀ ସଂଘର ସଦସ୍ୟ ଦେବାଶିଷ ମହାନ୍ତି, ମଞ୍ଜୁଲତା ନାୟକ, ଜ୍ୟୋତିପ୍ରକାଶ କର, ରେଖାରାଣୀ ନାୟକ, ଭକ୍ତହରି ସାହୁ ପ୍ରମୁଖଙ୍କ ତରଫରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଧୀଙ୍ଗୁଆନ ମହୋତ୍ସବ

**ପାଟଣା, ୮।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ଗ୍ରାମର ଧୀଙ୍ଗୁଆନ କମିଟି ତରଫରୁ ରବିବାର ରାତିରେ ଚତୁର୍ଥ 'ଧୀଙ୍ଗୁଆନ ମହୋତ୍ସବ ୨୦୨୧' ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରୁ ବଛା ବଛା ୨୬ରୁ ଊର୍ଦ୍ଧ୍ୱ ଧୀଙ୍ଗୁଆନ ଦଳ ଅଂଶଗ୍ରହଣ କରିଥିଲେ। କୁଡୁମୀ ସମ୍ପ୍ରଦାୟର ନିଆରା ପରମ୍ପରା କୁଡୁମାଲି ଭାଷାର ଗୀତ, ନୃତ୍ୟ, ମାଦଳ ଓ ନାଗରା ବାଦ୍ୟ ସହ ଝୁମର ଗୀତକୁ ନେଇ ପାରମ୍ପରିକ ନାଚଗୀତ ପରିବେଷଣ ହୋଇଥିଲା। ହଜାର ହଜାର ଦର୍ଶକ ଏହି ପ୍ରତିଯୋଗିତାକୁ ଉପଭୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ ରାଇଚରଣ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ କୁଡୁମୀ ସେନା ରାଜ୍ୟ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ମହାନ୍ତ, ସମ୍ମାନିତ ଅତିଥି ଭାବେ କୁଡୁମୀ ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, କୁଡୁମୀ ସେନା ମିଡିଆ ସେଲ ଅଧକ୍ଷ ଲମ୍ବୋଦର ମହାନ୍ତ, ପାଟଣା ବ୍ଲକ ଉପସଭାନେତ୍ରୀ ଧରିତ୍ରୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଧୀଙ୍ଗୁଆନ ପ୍ରତିଯୋଗିତାରେ କେନ୍ଦୁଝର କବିତ୍ରା ଦଳ ପ୍ରଥମ, ସାହାରପଡ଼ା ବ୍ଲକର ତାଳପଦା ଗ୍ରାମର ଦଳ ଦ୍ୱିତୀୟ ସ୍ଥାନ, ମୟୂରଭଞ୍ଜ ଜିଲାର ଦିବ୍ରି ଦଳ ତୃତୀୟ ଓ ରୁଡଙ୍ଗ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। କୃତକାର୍ଯ୍ୟ ହେଉଥିବା ଧୀଙ୍ଗୁଆନ ଦଳକୁ କମିଟି ତରଫରୁ ପୁରସ୍କୃତ କରାଯାଇଥିଲା।

## ଜିଲା କଂଗ୍ରେସ କମିଟି କାର୍ଯ୍ୟକାରିଣୀ




କାର୍ଯ୍ୟକାରିଣୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୮।୧୧**

ବାଲେଶ୍ୱର ସିନେମା ଛକସ୍ଥିତ କଂଗ୍ରେସ ଭବନରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସଞ୍ଜୀବ କୁମାର ଗିରିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପ୍ରାଥମିକ ସଦସ୍ୟ ପାଇଁ ସଦସ୍ୟତା ଗ୍ରହଣର ଅଭିଯାନ ଆରମ୍ଭ ହୋଇଥଲା। ଜିଲା ମହିଳା କଂଗ୍ରେସର ନିର୍ବାଚିତ ସଭାନେତ୍ରୀ ପ୍ରଜ୍ଞାପରାମିତା ମହାନ୍ତିଙ୍କୁ ନୂତନ ଦାୟିତ୍ୱ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଜନସାଧାରଣଙ୍କ ଦାବିକୁ ଉପେକ୍ଷା କରାଯାଉଥିବାରୁ ଆସନ୍ତା ୧୨ରେ ପିସିସି ନିର୍ଦ୍ଦେଶକ୍ରମେ ଓଡ଼ିଶା ବନ୍ଦ ଡାକରାକୁ ଜିଲାରେ ସଫଳ କରିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ୧୪ତାରିଖରେ ଦରଦାମ୍‌ର ଅହେତୁକ ବୃଦ୍ଧି ଏବଂ ତୈଳ ଦର, ରନ୍ଧନ ଗ୍ୟାସ ନିୟନ୍ତ୍ରଣରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବାରୁ ଦଳ ପକ୍ଷରୁ ରାଜ୍ୟରେ ଜନଜାଗରଣ ଯାତ୍ରା ଆରମ୍ଭକୁ ସ୍ୱାଗତ ଜଣାଇ ଲୋକଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦ରେ ଓଡ଼ିଶା ପ୍ରଭାରୀ ତଥା ଏମ୍‌ପି ଡ. ଏ. ଚେଲାକୁମାର ବାଲେଶ୍ୱର ଗସ୍ତରେ ଆସୁଥିବାରୁ ସଫଳ କରିବାକୁ ଆଲୋଚନା କରାଯାଇଥିଲା। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭାପତି ସୁଦର୍ଶନ ଦାସ, ଭୋଗରାଇ ନେତା ସତ୍ୟଶିବ ଦାସ, ବସ୍ତା ଓ ବାଲିଆପାଳ ନେତା ତଥା ପିସିସି ସମ୍ପାଦକ ବିଜନ ନାୟକ, ପ୍ରଫେସନାଲ କଂଗ୍ରେସ ରାଜ୍ୟ ସଭାପତି ମମତା କୁଣ୍ଡୁ, ପିସିସି ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ମଧୁସ୍ମିତା ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ମହନ୍ତ ମହାରାଜ ଜ୍ଞାନାନନ୍ଦ ସରସ୍ୱତୀଙ୍କ ଦେହାନ୍ତ

**ଭୋଗରାଇ, ୮।୧୧(ଡି.ଏନ.ଏ.)**



ମହନ୍ତ ମହାରାଜ ଜ୍ଞାନାନନ୍ଦ ସରସ୍ୱତୀ।

ଠାକୁର ନିଗମାନନ୍ଦଙ୍କ ପଟ୍ଟଶିଷ୍ୟ, ଆସାମ ବଙ୍ଗୀୟ ସାରସ୍ୱତ ଆଶ୍ରମ ତଥା ଭୋଗରାଇ କୃଷ୍ଣପୁର ସୁଧାନଗର ସୁଧାଂଶୁବାଳା ମହିଳା ଯୋଗାଶ୍ରମର ମହନ୍ତ ମହାରାଜ ଜ୍ଞାନାନନ୍ଦ ସରସ୍ୱତୀଙ୍କ (୮୧) ବାର୍ଦ୍ଧକ୍ୟଜନିତ କାରଣରୁ ସୋମବାର ସକାଳେ ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ଓଡ଼ିଶାର ବିଭିନ୍ନ ଜିଲାରେ ଠାକୁର ନିଗମାନନ୍ଦ ଭକ୍ତମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୃଷ୍ଣପୁର ଗ୍ରାମରେ ୧୯୪୧ରେ ଜନ୍ମିତ ମହନ୍ତ ମହାରାଜ ଫକୀରମୋହନ କଲେଜ ଓ କଟକ ଶ୍ରୀରାମଚନ୍ଦ୍ର ମେଡ଼ିକାଲ କଲେଜରୁ ପାସ୍ କରି ଡାକ୍ତରୀ ସେବା ନିମନ୍ତେ ପ୍ରଥମେ ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ଜିଲା ସାଉଟିଆ ଓ ପରେ ଦାନ୍ତୁନ ହସ୍ପିଟାଲରେ ନିଯୁକ୍ତି ପାଇଥିଲେ। ଡାକ୍ତରୀ ସେବାରେ ତାଙ୍କୁ ଶାନ୍ତି ନ ମିଳିବାରୁ ସେ ସନ୍ୟାସ ହେବାକୁ ଇଚ୍ଛା କରି ଠାକୁର ନିଗମାନନ୍ଦଙ୍କ ନୀତି ଓ ବାଣୀରେ ଆକୃଷ୍ଟ ହୋଇ ପୂର୍ଣ୍ଣାନନ୍ଦ ସରସ୍ୱତୀଙ୍କଠାରୁ ଶିଷ୍ୟ ଗ୍ରହଣ କରିଥିଲେ। ପୁରୀଧାମରେ ସନ୍ୟାସ ଘୋଷଣା କରି ନୀଳଗିରି ପାହାଡ଼ ପାଦଦେଶରେ ତପସ୍ୟା କରି ସିଦ୍ଧି ହେବା ପରେ ହାଲିସହର ଆଶ୍ରମରେ ମହନ୍ତ ମହାରାଜ ଭାବେ ଶିଷ୍ୟମାନଙ୍କୁ ଦୀକ୍ଷା ଦେଇ ସମ୍ମାନର ଯୋଗୀ ଥିଲେ।

**REGULATED MARKET COMMITTEE, CHANDBALI**
At/P.O.- Chandbali, Dist.- Bhadrak
Mail ID: rmcchandbali@gmail.com

**SHORT TENDER CALL NOTICE**

The A.D.M. Bhadrak-cum-Chairman RMC, Chandbali invites rate quoted sealed tender vide short tender call notice No. 548 Dt.08.11.2021 from eligible authenticated suppliers/ manufacturers for purchase of grading equipments to be required for paddy procurement purposes during KMS 2021-22. All detailed information & specifications are available in district website **www.bhadrak.nic.in**.

Sd./- A.D.M. Bhadrak-cum-
Chairman RMC, Chandbali

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-36(14)/SERIFED/2021-22/1497 Dt.: 08.11.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 02 nos. of the work **"Construction work of Heritage Gate"** at Amarabati & Baruneswar in Jajpur Dist and 01 no at Chausathiyogini in Khordha Dist. The bid documents such as DTCN/BOQ etc. can be seen/ downloaded from the government website : **www.tendersodisha.gov.in** during the period **dt.15.11.2021 to 17.00 hours up to dt. 25.11.2021.** Online bids shall be received till **17.00 hours dt.25.11.2021** & shall be opened **at 11.30 AM on Dt.26.11.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
CAD-1740 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4592 Dt.30.10.2021

The OSIC Ltd., Cuttack invites sealed bids from experienced Manufacturers empanelled with OSIC for supply of G.I. Shoe Stand to the Office of the District Welfare Officer, Mayurbhanj, Baripada. The detail schedules, terms and conditions of the tender document along with the quantity of requirement can be downloaded from **www.osicltd.in** .
Any corrigendum/changes/modifications will appear in OSIC Ltd. Website: **www.osicltd.in** only and all tenders are to refer to above website.

By order of MD
OIPR-14073/11/0053/2122 Sd/-Manager(Mktg)

**DISTRICT RURAL DEVELOPMENT AGENCY, KORAPUT**

No. CAD-1724: DRDA, Koraput invites Expression of Interest for Manpower Service Providing Agencies to provide services of different categories of Human resource support for DPMU (One DPC, One DPE, One CCE) & 14 BPMUs (14 Nos. of BPCs and 14 Nos. of BPAs for all 14 Nos. of Blocks of Koraput District) under Rural Housing Schemes.
Last date for submission of EOI is 12.11.2021, 5.30 P.M. through by Speed Post/Regd. Post/Courier only. Bid will be opened on 16.11.2021 at 12.30 P.M.
Detailed Expression of Interest (EOI) can be downloaded from district website or can be purchased from the office of PD, DRDA, Koraput between 10.00 A.M. to 5.30 P.M. on any working days during the notice period. For details visit district website: **www.koraput.nic.in**.

Sd./- Project Director
DRDA, Koraput
OIPR-19070/11/0004/2122

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦାନଗଦୀ, ଜିଲ୍ଲା: ଯାଜପୁର**
ଲଘୁ ଖଣିଜ ଦ୍ରବ୍ୟ (ଗଚ୍ଛିତ ମୋରମ) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ
ସଂଖ୍ୟା: ୩୨୫୪/୨୦୨୧ ତାରିଖ: ୦୬।୧୧।୨୦୨୧
**ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ – ୨୦୧୬ ଅନୁଯାୟୀ**

No. F-210: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦାନଗଦୀ ତହସିଲ ଅଧୀନରେ ଥିବା ନିମ୍ନସୂଚୀ ପ୍ରଦତ୍ତ ଗଚ୍ଛିତ ମୋରମ (ଲଘୁ ଖଣିଜ ଦ୍ରବ୍ୟ)କୁ ନିଲାମ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦାନଗଦୀରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website **https://www.jajpur.nic.in**ରେ ମଧ ଉପଲବ୍ଧ ଅଟେ।

| କ୍ର.ନଂ. | ରେଭେନ୍ୟୁ ମିସ୍ କେସ୍ ନଂ. | ଗଚ୍ଛିତ ମୋରମ ଗ୍ରାମର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା | ଗଚ୍ଛିତ ମୋରମର ପରିମାଣ (ଘନ ମି.ରେ) | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ପ୍ରତି ଘନ ମି. (ରୟାଲଟି + ଅତିରିକ୍ତ ଦେୟ) |
|---|---|---|---|---|---|---|---|---|
| ୧ | ୬୯/୨୦୨୧ | ବାଳିଆପାଳ | ବାଳିଆପାଳ | ୩୧୭ | ୭୮୨ | ଏ. ୦.୫୭ଏକର | ୨୫୨୮୭୧.୫୦ | ଟ.୮୦/-ଙ୍କା (୩୫ + ୪୫) |

ସ୍ୱା./– ତହସିଲଦାର, ଦାନଗଦୀ
OIPR-24149/11/0003/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
jajpurrwd@yahoo.com
Letter No. 5157 / Date 05.11.2021
'E' PROCUREMENT NOTICE NO. Tender Online
No.O-902:- 05.JJPT of 2021-22

| | | | |
|---|---|---|---|
| 1. | Name of work | : | Road & Building Works |
| 2. | Total No. of work | : | 2 Nos. work |
| 3. | Estimated cost (Approx.) | : | 14.20 lakhs to 15.20 lakhs |
| 4. | Period of completion | : | 1 month |
| 5. | Class of contractors | : | C & D |

Other details as follows;

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division, Jajpur |
| b) | Availability of tender online & submission of bid | : | 10.11.2021 at 11.00 A.M. to 21.11.2021 upto 5.00 P.M. |
| c) | Last date & time of seeking of tender clarification | : | 20.11.2021 upto 1.00 P.M. |
| d) | Opening of tender | : | 22.11.2021 at 11.30 A.M. |

Further details can be seen from the Govt. website www.tendersodisha.gov.in.

Sd./- Superintending Engineer,
Rural Works Division, Jajpur
OIPR-25047/11/0005/2122

**NATIONAL HYDROLOGY PROJECT**
**STATE PROJECT MANAGEMENT UNIT (SPMU), ODISHA**
HP Administrative Building, Unit-VIII, Delta Square, Bhubaneswar-751012
e-mail: odishagwhp3@gmail.com

**REQUEST FOR PROPOSAL**
**INVITATION FOR BIDS (IFB)**

**PP No.-NHP-2021-2022-OD-554046 PIP Code-D1.1.01**
BID Reference No.: **ODISHA/NHP/RFP 10 of 2021-22 Dated, 5th Nov. 2021**
**No. A-584:-** The Additional Director, Hydrology, Bhubaneswar & Procurement Officer (SW), SPMU, NHP-Odisha, invites tenders through e-Procurement platform online from eligible bidders for the work:- **"Consultancy Service for Architechtural Design, Drawing and Supervision for establishment of Knowledge Centre at WALMI, Odisha"** (Under LCS Method Lump Sum Contract). Bidding documents are available online on **www.tendersodisha.gov.in** which is free of cost. Bidders are advised to participate in the bidding process as per instructions given in bidding document.

| | | | |
|---|---|---|---|
| 1 | Downloading of RFP document Starting Date | : | 08.11.2021, 10.00 hrs. |
| 2 | Downloading of RFP document Closing Date | : | 24.11.2021, 14.00 hrs. |
| 3 | Date of Pre-bid Meeting | : | 15.11.2021, 11.30 hrs. |
| 4 | Online Bid submission Starting Date | : | 20.11.2021, 14.00 hrs. |
| 5 | Online Bid submission Closing Date | : | 24.11.2021, 14.00 hrs. |
| 6 | Time & Date of opening of technical bids in the portal | : | 24.11.2021, 15.30 hrs. |

Further details can be seen from e-Procurement portal **https://tendersodisha.gov.in**

Sd./- Additional Director, Hydrology & Procurement Officer (SW)
OIPR-32407/11/0009/2122 SPMU, NHP - Odisha

**Office of the District Manager**
**Odisha State Civil Supplies**
**Corporation Ltd. (OSCSC)**
Sundargarh District, Phone: 06622-275119
District Website: www.sundergarh.nic.in
**Tender No. 4547/4548/4549 Dt.06.11.2021**

District Manager, Odisha State Civil Supplies Corporation Ltd., Sundargarh invites tenders through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Transport Contractor for transportation of Paddy from Mandi to Mill point of Sadar, Bonai & Panposh Sub-division for the KMS: 2021-22 |
| 2 | Availability of bid document in the portal | 08.11.2021 |
| 3 | Last date / time for receipt of bids in the portal | 23.11.2021 upto 05.30 P.M. |
| 4 | Date / time of opening of Technical bid | For Sadar, Sub-division: 24.11.2021 at 10.30 A.M. Bonai, Sub-division: 24.11.2021 at 11.00 A.M. Panposh, Sub-division: 24.11.2021 at 11.30 A.M. |

Tender documents & other details can be seen from the e-procurement portal www.tendersodish.gov.in along with district website, Amendments/ corrigendum / cancellation/ retenders etc. if any shall be published only in above websites.

Sd./- District Manager
OSCSC Ltd., Sundargarh

